# ସେନାବାହିନୀ ରେ ନିଯୁକ୍ତି ନିମନ୍ତେ ପ୍ରାକ ତାଲିମ ଶିବିର ପାଇଁ ଚୟନ ପ୍ରକ୍ରିୟା ।

ସେନାବାହିନୀ ରେ ନିଯୁକ୍ତି ରାଲି ନିମନ୍ତେ, ଅନୁଗୁଳର ପୋଲିସ ଟ୍ରେନିଂ କଲେଜ ଠାରେ ଏକ ପ୍ରାକ ତାଲିମ ଶିବିର **୧୫.୦୧.୨୦୨୨ ରୁ ୧୩.୦୨.୨୦୨୨** ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଯାଉଅଛି । ଏହା ଏକ ଆବାସିକ ତାଲିମ ଶିବିର, ଯେଉଁଥିରେ ପ୍ରାର୍ଥୀମାନଙ୍କୁ ସେନାବାହିନୀ ରେ ନିଯୁକ୍ତି ନିମନ୍ତେ ସେନାବାହିନୀ ର ନିୟମାବଳି ମୁତାବିକ ପ୍ରାକ ତାଲିମ ମାଗଣାରେ ୩୦ ଦିନ ନିମନ୍ତେ ଦିଆଯିବ । ଏହି ଟ୍ରେନିଂ ପାଇଁ ଏକ ଯୋଗ୍ୟତା ଭିତିକ ଚୟନ ତା **୧୧.୦୧.୨୦୨୨ ରିଖ ସକାଳ ୮ ସମୟରେ** ଶାରୀରିକ ପ୍ରଶିକ୍ଷଣ ପଡିଆ, ଆରକ୍ଷୀ ପ୍ରଶିକ୍ଷଣ ମହାବିଦ୍ୟାଳୟ , ଅନୁଗୋଳ ରେ ଅନୁଷ୍ଠିତ ହେବ । ଏଥି ନିମନ୍ତେ ଅନୁଗୁଳ ଜିଲ୍ଲାର ଇଚ୍ଛୁକ ଏବଂ ଯୋଗ୍ୟ ପ୍ରାର୍ଥୀ ମାନଙ୍କ ସୂଚନା ପାଇଁ ଜଣାଇ ଦିଆଯାଉଅଛି କି ବୟସ ସୀମା ୧୭ ବର୍ଷ ରୁ ୨୩ ବର୍ଷ ମଧ୍ୟରେ, ଉଚ୍ଚତା ୧୬୨ ସେଣ୍ଟିମିଟର ରୁ ୧୭୦ ସେଣ୍ଟିମିଟର ଏବଂ ଦଶମ/ଦ୍ୱାଦଶ ଶ୍ରେଣୀରେ ୪୫% ଓ ୫୦% ନମ୍ବର ରଖି ଉତୀର୍ଣ ହୋଇଥିବା ଆବଶ୍ୟକ । ଚୟନ ପ୍ରକ୍ରିୟାକୁ ଆସୁଥିବା ସମସ୍ତ ପ୍ରାର୍ଥୀଙ୍କୁ ଜଣାଇ ଦିଆଯାଉଅଛି କି, ସେମାନଙ୍କର ଶିକ୍ଷାଗତ ଯୋଗ୍ୟତାର ମୂଳ ପ୍ରମାଣ ପତ୍ର ସହିତ ଉପର ସୂଚିତ ସ୍ଥାନ, ତାରିଖ ଏବଂ ସମୟ ଅନୁସାରେ ଶାରୀରିକ ପ୍ରଶିକ୍ଷଣ ପଡିଆ, ଆରକ୍ଷୀ ପ୍ରଶିକ୍ଷଣ ମହାବିଦ୍ୟାଳୟ , ଅନୁଗୋଳ ଫାଟକ ସମ୍ମୁଖରେ କୋଭିଡ-୧୯ ନିୟମାବଳି ମାନି ଧାଡି କରି ଠିଆ ହେବେ ଏହି ଚୟନ ପ୍ରକ୍ରିୟାରେ ସାମିଲ ହେବା ପାଇଁ । ଏହି ଚୟନ ପ୍ରକ୍ରିୟାରେ କୌଣସି ପ୍ରକାରର ଅଘଟଣ ପାଇଁ ପ୍ରାର୍ଥୀ ନିଜେ ଦାୟୀ ରହି ସେନାବାହିନୀ ର ନିର୍ଦ୍ଦେଶାବଳୀ ଅନୁଯାୟୀ ଯୋଗ ଦେବେ । ଚୟନ ପ୍ରକ୍ରିୟାରେ କୃତକାର୍ଯ ହୋଇଥିବା ପ୍ରଥମ ୫୦ ଜଣ ପ୍ରାର୍ଥୀ ପ୍ରାକ ତାଲିମ ଶିବିର ରେ ଯୋଗଦାନ କରିବେ । ଏହି ତାଲିମ ଶିବିର **୧୫.୦୧.୨୦୨୨ ତାରିଖରୁ ୧୩.୦୨.୨୦୨୨ ତାରିଖ** (୩୦ ଦିନ ପାଇଁ ) ଅନୁଷ୍ଠିତ ହେବ । ଅଧିକ ବିବରଣୀ ନିମନ୍ତେ ଜିଲ୍ଲା ନିୟୋଜନ କାର୍ଯ୍ୟାଳୟ, ଅନୁଗୁଳକୁ ଆସି ଇଚ୍ଛୁକ ପ୍ରାର୍ଥୀ ମାନେ ସାକ୍ଷାତ କରି ପାରିବେ ।